SAMBAD

ସମ୍ବାଦ

06th June, 2019

# ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ, ସଚେତନତା ସଭା

**ବିଶ୍ୱ ପରିବେଶ ଦିବସ ପାଳିତ**





ରେଳବାଇ ପକ୍ଷରୁ ପରିବେଶ ଦିବସ କାର୍ଯ୍ୟକ୍ରମ



ଆଇଆଇଟି, ଭୁବନେଶ୍ୱରରେ ବୃକ୍ଷରୋପଣ

## ଜିଲ୍ଲା ପରିବେଶ ସମିତି ଓ ବନ ବିଭାଗ

ଖୋର୍ଦ୍ଧାସ୍ଥିତ ସଂସ୍କୃତି ଭବନରେ ଜିଲ୍ଲା ପରିବେଶ ସମିତି ଓ ବନ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ସୁଦୀପ ନାୟକ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଦିଲିପ କୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପରିବେଶ ବିଭାଗର ପ୍ରଫେସର ଡ ରବୀନ୍ଦ୍ର କୁମାର ସ୍ୱାଇଁ ଯୋଗ ଦେଇଥିଲେ। ଏସିଏଫ୍ ଦିଲିପ କୁମାର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଖୋର୍ଦ୍ଧା ବନାଂଚଳ ଅଧିକାରୀ ଉତ୍ତମ କୁମାର ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବୃକ୍ଷରୋପଣ ଓ ପରିବେଶ ସନ୍ତୁଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତି ବିଶେଷଙ୍କୁ ପ୍ରକୃତି ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବେଗୁନିଆ ବ୍ଲକ୍‌ର ଉପେନ୍ଦ୍ର ଦାଶ, ବୋଲଗଡ଼ ବ୍ଲକ୍‌ର ସୀତାକାନ୍ତ ମିଶ୍ର, ଭୁବନେଶ୍ୱର ବ୍ଲକ୍‌ର ରଘୁନାଥ ପୃଷ୍ଟି, ବାଲିଅନ୍ତା ବ୍ଲକ୍‌ର ଦିନବନ୍ଧୁ ଭୋଇ, ବାଲିପାଟଣା ବ୍ଲକ୍‌ର ଉମେଶ ଷଡ଼ଙ୍ଗୀ, ଟାଙ୍ଗୀ ବ୍ଲକ୍‌ର ବନବିହାରୀ ବେହେରା, ଚିଲିକା ବ୍ଲକ୍‌ର ରଶ୍ମୀତା ବାରିକଙ୍କୁ ପ୍ରକୃତି ମିତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଜେଏସ୍ପି ଦ୍ୱାରା ବିଭିନ୍ନ ଔଷଧିୟ ଚାରା ରୋପଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ବେଗୁନିଆ ବୋଲଗଡ଼ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବିଜୟ କୁମାର ମହାପାତ୍ର, ପରିବାର କଲ୍ୟାଣ ବିଭାଗର ମୁଖ୍ୟ ଦ୍ୱାରିକା ନାଥ ଶତପଥୀ, ଏଡିଏମ୍ ରଘୁନାଥ ନାୟକ, ହସପିଟାଲ ପରିଚାଳକ ଡା ମୀରା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ। ଚିକିତ୍ସାଳୟ ପରିସରରେ ପ୍ରାୟ ୫ଶହରୁ ଅଧିକ ଚାରା ରୋପଣ କରାଯାଇଥିଲା।




ଜିଲ୍ଲାସ୍ତରୀୟ ପରିବେଶ ଦିବସ

## ଖୋର୍ଦ୍ଧା ସଭିଲ୍ କୋର୍ଟ

ଖୋର୍ଦ୍ଧା ସିଭିଲ୍ କୋର୍ଟ ପରିସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପରିବେଶ ସଂରକ୍ଷଣ ଓ ଆଇନ ସମ୍ପର୍କରେ ଏକ ଆଲୋଚନାଚକ୍ର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦ୍ୱିତୀୟ ଅତିରିକ୍ତ ଦୌରା ଜଜ୍ ଦିଲିପ କୁମାର ବିଶ୍ୱାଳ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖୋର୍ଦ୍ଧା ପରିବାର ଅଦାଲତ ବିଚାରପତି ଦିଗମ୍ବର ପୃଷ୍ଟି, ସିଭିଲ୍ ଜଜ୍ (କନିଷ୍ଠ) ଶ୍ରଦ୍ଧାଞ୍ଜଳି ରାଏ, ସ୍ୱତନ୍ତ୍ର ଜୁଡିସିଆଲ୍ ମାଜିଷ୍ଟ୍ରେଟ୍ ସୁରେନ୍ଦ୍ର କୁମାର ପାଢ଼ୀ, ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ସୁଦୀପ କୁମାର ନାୟକ, ଖୋର୍ଦ୍ଧା ବନଖଣ୍ଡ ରେଂଜର ଉତ୍ତମ କୁମାର ଗଡ଼ନାୟକ, ସ୍ୱତନ୍ତ୍ର ସରକାରୀ ଓକିଲ ରଜନୀକାନ୍ତ ପଟ୍ଟନାୟକ, ଖୋର୍ଦ୍ଧା ଓକିଲ ସଂଘର ସମ୍ପାଦକ ପ୍ରଦୀପ କୁମାର ଦାସ ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା ଓ ଏହାର ବିଭିନ୍ନ ଆଇନଗତ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦକ ପ୍ରଦୀପ ଦାସ, ତାଲୁକ ଆଇନ ସେବା କମିଟିର ସହାୟକ ବସନ୍ତ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ଷଷ୍ଠ ରିଜର୍ଭ ବାଟାଲିଅନ୍

ଖୋର୍ଦ୍ଧା ଉପକଣ୍ଠ ଅର୍ଜୁନପୁରଠାରେ ଷଷ୍ଠ ଭାରତୀୟ ରିଜର୍ଭ ବାହିନୀ ଓ ବ୍ରହ୍ମକୁମାରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଗୋଡ଼ିପୋଖରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଂଚାଳିକା ବ୍ରହ୍ମକୁମାରୀ ଅନୁରାଧା, ବ୍ରହ୍ମକୁମାର ଜୟକୃଷ୍ଣ, ରିଜର୍ଭ ବାଟାଲିଅନର କମାଣ୍ଡେଂଟ୍ ରାଜ କିଶୋର ସାହୁ, ସୁବେଦାର ବାବୁ ସିଂ, ଡେପୁଟି ସୁବେଦାର ହୃଷିକେଶ ନନ୍ଦ, ବଂଶିଧର ପ୍ରଧାନ, ହାବିଲଦାର ମେଜର ବିଦ୍ୟାଧର ନାୟକ, ହାବିଲ୍ଦାର ରାହାସ ବିହାରୀ ଜେନାଙ୍କ ସହ ବାଟାଲିଅନର ଅନ୍ୟ ଯବାନ ଓ ବ୍ରହ୍ମ କୁମାରୀ ସଂସ୍ଥାର ସଦସ୍ୟମାନେ ଯୋଗ ଦେଇ ବାଟାଲିଅନ୍ ପରିସରରେ ଆମ୍ବ, ବଉଳ, କଦମ୍ବ ଆଦି ଚାରା ରୋପଣ କରିଥିଲେ।

## ସବୁଜ ସାହିତ୍ୟ ସଂସଦ, ବେଗୁନିଆ

ବୈଦେଶ୍ୱର ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମର ସବୁଜ ସାହିତ୍ୟ ସଂସଦ ପକ୍ଷରୁ ମା ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି। ମନ୍ଦିର ପରିସରରେ ଅତିଥିମାନେ ଚାରା ରୋପଣ କରିବା ପରେ ସଂସଦର ସଭାପତି ଜଗତବନ୍ଧୁ ମହାପାତ୍ରଙ୍କ ପୌରୋହିତ୍ୟରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। କବି ପ୍ରସନ୍ନ କୁମାର ମଣ୍ଡଳଙ୍କ ସଂଯୋଜନାରେ କବିତା ପାଠ ହୋଇଥିଲା। ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ପାଣିଗ୍ରାହୀ, ସମ୍ପାଦକ ନରୋତମ ବେହେରା ପ୍ରମୁଖ ପରିଚାଳନା କରିଥିବା ଏହି କାର୍ଯ୍ୟକ୍ରମରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଡ. ସୁନନ୍ଦ ଚନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ଖୋର୍ଦ୍ଧା ଜିଲ୍ଲା କୃଷି ଅଧିକାରୀ ନାରାୟଣ ସେଠୀ ମୁଖ୍ୟ ବକ୍ତା ଓ ଅବସରପ୍ରାପ୍ତ ତହସିଲଦାର ସୁଧାକର ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପତନୀ ଗ୍ରାମର ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ସାହୁ ଓ ବେଗୁନିଆର ଗୃହିଣୀ ଚଂଚଳା ଗୋଛିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।